ଗ୍ରାମୀଣ କୃଷି ମୌସମ ସେବା
ଭାରତୀୟ ପାଣିପାଗ ବିଭାଗ
ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ
ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ପ୍ରସାରଣ କେନ୍ଦ୍ର , ଭବାନୀପାଟଣା, କଳାହାଣ୍ଡି

ପତ୍ର ସଂ –୨୦/୨୦୨୪ | ସପ୍ତାହ- ୧୦ | ଗୁରୁବାର, ତାରିଖ-୦୭.୦୩.୨୦୨୪

ଭବାନୀପାଟନା କୃଷିପାଣିପାଗ କ୍ଷେତ୍ର ୟୁନିଟ ରେ ପୂର୍ବ ସପ୍ତାହରେ ରେକର୍ଡ କରାଯାଇଥିବା ପାଣିପାଗ ସୂଚନା :

| | |
|---|---|
| ସାପ୍ତାହିକ ବୃଷ୍ଟିପାତ(ମିମି) / ବର୍ଷା ଦିନ | ୧.୮/୦୦ |
| ସର୍ବମୋଟ ବୃଷ୍ଟିପାତ (ମିମି) / ବର୍ଷା ଦିନ (୦୧-୦୧-୨୦୨୪ ଠାରୁ) | ୧୩.୬/୦୧ |
| ସାପ୍ତାହିକ ହାରାହାରି ସର୍ବାଧିକ ତାପମାତ୍ରା ($^0$C) | ୩୪.୩ |
| ସାପ୍ତାହିକ ହାରାହାରି ସର୍ବନିମ୍ନ ତାପମାତ୍ରା ($^0$C) | ୧୯.୭ |

କଳାହାଣ୍ଡି ଜିଲ୍ଲା ପାଇଁ ପାଣିପାଗ ପୂର୍ବାନୁମାନ – ୦୮.୦୩.୨୦୨୪ ରୁ ୧୨.୦୩.୨୦୨୪ ପର୍ଯ୍ୟନ୍ତ:

| ଜିଲ୍ଲା | ତାରିଖ | ବର୍ଷାର ପରିମାଣ (ମି.ମି.) | ସର୍ବାଧିକ ତାପମାତ୍ରା ($^0$ସେ.) | ସର୍ବନିମ୍ନ ତାପମାତ୍ରା ($^0$ସେ.) | ଆକାଶରେ ମେଘର ପରିମାଣ (ଅକଟା) | ସର୍ବାଧିକ ଆପେକ୍ଷିକ ଅଦ୍ରତା (%) | ସର୍ବନିମ୍ନ ଆପେକ୍ଷିକ ଅଦ୍ରତା (%) | ପବନର ବେଗ (କି.ମି. ପ୍ରତି ଘଣ୍ଟା ) | ପବନର ଦିଗ (ଡିଗ୍ରୀ) |
|---|---|---|---|---|---|---|---|---|---|
| **କଳାହାଣ୍ଡି** | ୦୮-୦୩-୨୦୨୪ | ୦ | ୩୬ | ୨୨ | ୫ | ୪୮ | ୨୪ | ୮ | ୧୫୮ |
| | ୦୯-୦୩-୨୦୨୪ | ୦ | ୩୫ | ୨୨ | ୨ | ୫୯ | ୧୯ | ୭ | ୧୬୫ |
| | ୧୦-୦୩-୨୦୨୪ | ୨ | ୩୫ | ୨୧ | ୦ | ୭୮ | ୧୬ | ୭ | ୧୬୫ |
| | ୧୧-୦୩-୨୦୨୪ | ୦ | ୩୭ | ୨୦ | ୦ | ୭୩ | ୧୬ | ୭ | ୧୫୫ |
| | ୧୨-୦୩-୨୦୨୪ | ୦ | ୩୮ | ୨୦ | ୧ | ୬୨ | ୧୬ | ୭ | ୧୮୦ |

**ଅଧିକ ସୂଚନା ପାଇଁ ଭାରତୀୟ ପାଣିପାଗ ବିଭାଗ, ଭୁବନେଶ୍ବର ସହିତ ଯୋଗାଯୋଗ କରନ୍ତୁ ଫୋନ.#୦୬୭୪ - ୨୫୯୬୧୧୬**

## ପାଣିପାଗ ସଂକ୍ଷିପ୍ତସାର/ସତର୍କ ସୂଚନା

ଭାରତୀୟ ପାଣିପାଗ ବିଭାଗର ଆକଳନ ଅନୁସାରେ ଆସନ୍ତା ୧୦ତାରିଖରେ ଅତୀବସ୍ବଳ୍ପ ବର୍ଷା ହେବାର ସମ୍ଭାବନା ରହିଛି । ବାକି ଦିନଗୁଡ଼ିକରେ ପାଗ ମୁଖ୍ୟତଃ ଖରାଟିଆ ଓ ଶୁଖିଲା ରହିବାର ଆଶଙ୍କା ରହିଛି । ଏହି ଦିନଗୁଡ଼ିକରେ ଆକାଶ ଅଧିକାଂଶ ନିର୍ମଳ ରହିବା ସହିତ ଉକ୍ତ ସମୟ ମଧ୍ୟରେ ପବନ ଦକ୍ଷିଣ ରୁ ଦକ୍ଷିଣ-ପୂର୍ବ ରୁ ଦକ୍ଷିଣ ଦିଗ ଆଡୁ ଘଣ୍ଟା ପ୍ରତି ୦୦୭ – ୦୦୮ କି.ମି. ବେଗରେ ବହିବାର ଆଶଙ୍କା ରହିଛି । ଆସନ୍ତା ପାଞ୍ଚ ଦିନରେ ଦିନର ସର୍ବାଧିକ ତାପମାତ୍ରା ୩୫ - ୩୮ ଡିଗ୍ରୀ ସେ. ଓ ସର୍ବନିମ୍ନ ତାପମାତ୍ରା ୨୦ - ୨୨ ଡିଗ୍ରୀ ସେ. ଏବଂ ସର୍ବାଧିକ ଓ ସର୍ବନିମ୍ନ ଆପେକ୍ଷିକ ଆଦ୍ରତା ଯଥାକ୍ରମେ ୪୮ – ୭୮ % ଓ ୧୬ – ୨୪ % ରହିବ ବୋଲି ଆଶା କରାଯାଏ ।

**ଚେତାବନୀ :** ନାହିଁ

## ପାଣିପାଗ ଭିତ୍ତିକ କୃଷି ପରାମର୍ଶ

- ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ କୁ ଲକ୍ଷ୍ୟ କରି ଚାଷୀଭାଇ ମାନେ ଜମିରେ ଜଳସେଚନ ଓ ରାସାୟନିକ ଔଷଧ ର ପ୍ରୟୋଗକୁ ନିର୍ଦ୍ଧାରଣ କରନ୍ତୁ ।
- ଉଚ୍ଚ ତାପମାତ୍ରା ଫସଲରେ ପୋକ ମାନଙ୍କର ସଂଖ୍ୟା ବଢିବାରେ ସହାୟ କରିଥାଏ । ତେଣୁ ଫସଲରେ ରୋଗ ଓ ପୋକ ର ଉପସ୍ଥିତି କୁ ନିୟମିତ ଯାଞ୍ଚ କରନ୍ତୁ ।
- ଜମିରେ ଥିବା ଘାସ ଦ୍ବାରା ପୋକ ଓ ରୋଗର ସଂକ୍ରମଣକୁ ବୃଦ୍ଧି କରିଥାଏ । ତେଣୁ ଜମିକୁ ସର୍ବଦା ଘାସମୁକ୍ତ ରଖନ୍ତୁ । ପନିପରିବା ଜାତୀୟ ଫସଲରେ ଘାସର ନିୟନ୍ତ୍ରଣ ପାଇଁ ପଲିଥିନ ଦ୍ବାରା ମଲଚିଂ ର ବ୍ୟବସ୍ଥା କରନ୍ତୁ।
- ଖରାଟିଆ ପାଗ ସହ ତାପମାତ୍ରା ର ବୃଦ୍ଧି ହେତୁ ପଶୁପକ୍ଷୀ ମାନଙ୍କୁ ଛାଇ ଥିବା ସ୍ଥାନରେ ରଖିବା ଏକାନ୍ତ ଆବଶ୍ୟକ । ଛାତ କିମ୍ବା ଆଜବେଷ୍ଟସ ଘରେ ପଶୁ ମାନଙ୍କୁ ରଖୁଥିଲେ ଛାତ ଉପରେ ନଡ଼ା ବିଛାଇ ଦିଅନ୍ତୁ ଏବଂ ପଶୁପକ୍ଷୀ ମାନଙ୍କୁ ପର୍ଯ୍ୟାପ୍ତ ପରିମାଣରେ ଥଣ୍ଡା ତଥା ନିର୍ମଳ ପାନୀୟ ଜଳ ପ୍ରଦାନ କରନ୍ତୁ।
- ଗୃହପାଳିତ ଗାଈ, ମଇଁଷି, ଛେଳି, ମେଣ୍ଢା ମାନଙ୍କୁ ଫାଟୁଆ, ସାହାଣ, ବଜବଜିଆ, ଛେଳି ମଡ଼କ ଓ ଛେଳି ବସନ୍ତ ଆଦି ରୋଗରୁ ରକ୍ଷା କରିବା ପାଇଁ ନିୟମିତ ଅନ୍ତରାଳରେ ଟୀକା ଦାନ କରନ୍ତୁ।

| ସଂକ୍ଷିପ୍ତ ବାର୍ତ୍ତା | ଧାନ ଚାଷରେ ଗଣ୍ଡି ପୋକର ନିୟନ୍ତ୍ରଣ ପାଇଁ ସାପ୍ତାହିକ ଏକର ପ୍ରତି ଗୋଟିଏ ଟ୍ରାଇକୋକାର୍ଡ (୪ ରୁ ୫ ଥର) ବ୍ୟବହାର କରନ୍ତୁ । |
|---|---|
| **ଫସଲ ଭିତ୍ତିକ କୃଷି ପରାମର୍ଶ:** | |
| **ଫସଲ (ଅବସ୍ଥା)** | **ପରାମର୍ଶ** |
| ଡାଲୁଅ ଧାନ<br>(ପିଲ ବାହାରିବା ଅବସ୍ଥା) | ▪ **ଘାସ ପରିଚାଳନା:** ମୁଖ୍ୟ ଜମିରେ ଗଜା ପୂର୍ବବର୍ତୀ ଘାସମରା ଔଷଧ ପକାଇ ନଥିଲେ ଗଜା ପରବର୍ତୀ ଘାସ ନିୟନ୍ତ୍ରଣ ପାଇଁ ରୋଇବାର ୧୦ ରୁ ୧୫ ଦିନ ମଧ୍ୟରେ ୮ ମିଲିଗ୍ରାମ ବିସ୍ପିରିବିକ ସୋଡିଅମ କୁ ୧୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ କିମ୍ବା ୪ ମିଲି ପେନୋକ୍ସୁଲାମ୍ ୧.୦୨% + ସାଇହାଲୋଫୋପ୍ ବ୍ୟୁଟାଇଲ ୫.୧% କୁ ପ୍ରତି ଏକ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।<br>▪ **ସାର ପରିଚାଳନା:** ପ୍ରଥମ କିସ୍ତି ସାର ହିସାବରେ ଏକରପିଛା ୩୫ କି.ଗ୍ରା. ୟୁରିଆ ସାରକୁ ପିଲ ବାହାରିବା ସମୟରେ ଅର୍ଥାତ ରୋଇବାର ୨୦ ରୁ ୨୫ ଦିନ ମଧ୍ୟରେ ପ୍ରୟୋଗ କରନ୍ତୁ ।<br>**ରୋଗ ଓ ପୋକ ପରିଚାଳନା:**<br>▪ **ମହିଷା ରୋଗ:** ଛଟା ବୁଣା ଧାନରେ ମହିଷା ରୋଗର ପ୍ରାଦୁର୍ଭାବ ଦେଖା ଦେଉଥିଲେ ପ୍ରତି ୧୦ ଲିଟର ପାଣିରେ ୪ ଗ୍ରାମ ଟେବୁକୋନାଜୋଲ ୫୦% + ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ ୨୫% ଡବ୍ଲୁ. ଜି. କିମ୍ବା ୧୦ ଗ୍ରାମ କାରବେନଡାଜିମ୍ ୫୦% ଡବ୍ଲୁ.ପି. କିମ୍ବା ୧୦ ମି.ଲି. ଏଡିଫେନୋଫୋସ୍ |

| | |
|---|---|
| | ୫୦% ଇ.ସି. କୁ ମିଶ୍ରଣ କରି ସିଂଚନ କରନ୍ତୁ।<br>▪ **କାଣ୍ଡବିନ୍ଧା ବା ଗଣ୍ଡି ପୋକ ଓ ପତ୍ରମୋଡ଼ା ପୋକ:** ଗଣ୍ଡି ପୋକ ଅଧିକ ସଂକ୍ରମିତ ନହେବା ପାଇଁ ଯବକ୍ଷାରଜାନ ଯୁକ୍ତ ସାରକୁ ବିଚାର କରି ପ୍ରୟୋଗ କରନ୍ତୁ । ଗଣ୍ଡିପୋକ ର ଅଣ୍ଡା ସମୂହ କୁ ଦେଖିବାକୁ ପାଇଲେ ତାହାକୁ ହାତରେ ସଂଗ୍ରହ କରି ନଷ୍ଟ କରିଦିଅନ୍ତୁ। ରୋଇବା ପରେ ପରେ କାଣ୍ଡବିନ୍ଧା ଓ ପତ୍ରମୋଡ଼ା ପୋକର ନିରୀକ୍ଷଣ ପାଇଁ ଏକର ପିଛା ଟ୍ରାପ୍ ପ୍ରତି ୫ ମିଲିଗ୍ରାମ ଲିଓର ସହିତ ୩ ଟି ଯୌନ ସମ୍ବେଦନଶୀଳ ଯନ୍ତା ବା ଫେରୋମୋନ ଟ୍ରାପ ଲଗାନ୍ତୁ । ଯଦି ପୁରୁଷ ପ୍ରଜାପତିର ସଂଖ୍ୟା ଗୋଟିଏ ଦିନରେ ଯନ୍ତା ପ୍ରତି ୪ ରୁ ୫ ହେଇଯିବ ତେବେ ପ୍ରତି ଏକ ଲିଟର ପାଣିରେ ୪ ମିଲିଗ୍ରାମ ଆଜାଡିରକଟିନ୍ ୦.୧୫% ନିମ୍ବ ଜାତୀୟ ଔଷଧ କିମ୍ବା ଦାନାଦାର ଔଷଧ ଭାବରେ ଏକର ପିଛା ୧୦ କି.ଗ୍ରା. କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ ୪ଜି କୁ ସମାନ ପରିମାଣର ବାଲି ସହିତ ମିଶାଇ ଜମିରେ ପ୍ରୟୋଗ କରନ୍ତୁ ନଚେତ ୩ ମି.ଲି କ୍ଲୋରାନ୍ଟ୍ରାନିଲିପ୍ରୋଲ ୧୮.୫% ଏସ.ସି କିମ୍ବା ୧ ମି.ଲି ଫ୍ଲୁବେଣ୍ଡିଆମାଇଡ୍ ୩୯.୩୫% ଏସ.ସି କୁ ପ୍ରତି ୧୦ ଲିଟର ପାଣିରେ ମିଶ୍ରଣ କରି ସିଂଚନ କରନ୍ତୁ।<br>▪ **ପତ୍ର ଚିତା ରୋଗ:** ପତ୍ର ଚିତା ରୋଗର ସଂକ୍ରମଣ ଦେଖାଗଲେ ୧ ମି.ଲି ପ୍ରୋପିକୋନାଜୋଲ ୨୫% ଇ.ସି କିମ୍ବା ୨.୫ ଗ୍ରାମ କାରବେନଡାଜିମ୍ ୧୨ % + ମେଙ୍କୋଜେବ୍ ୬୩ % ଡବ୍ଲୁ.ପି. କୁ ପ୍ରତି ଏକ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| **ମୁଗ ଓ ବିରି**<br>(ଫୁଲ/ଫଳ ଧରିବା ଅବସ୍ଥା) | **ରୋଗ ଓ ପୋକ ପରିଚାଳନା:**<br>▪ **ସାହେବୀ ରୋଗ/ଜଉ ପୋକ/ ପତ୍ର ଡିଆଁ ପୋକ/ଉକୁଣିଆ ପୋକ :** ସାହେବୀ ରୋଗର ଉପସ୍ଥିତି ଦେଖା ଦେଉଥିଲେ ସଂକ୍ରମିତ ହେଇଥିବା ଗଛ ଗୁଡ଼ିକୁ ଅପାଡ଼ି ମାଟି ତଳେ ପୋତି ଦିଅନ୍ତୁ। ଶୋଷକ କୀଟ ସମୂହର ନିୟନ୍ତ୍ରଣ ପାଇଁ ଏକର ପ୍ରତି ୮ ଟି ଅଠା ଲାଗିଥିବା ହଳଦିଆ ରଙ୍ଗର ଯନ୍ତା ବା କାର୍ଡ ଏବଂ ଉକୁଣିଆ ପୋକର ନିୟନ୍ତ୍ରଣ ପାଇଁ ଏକର ପ୍ରତି ୮ ଟି ଅଠା ଲାଗିଥିବା ନୀଳ ରଙ୍ଗର ଯନ୍ତା ବା କାର୍ଡ କୁ କୁ ଜମିରେ ଫସଲର ଅଙ୍ଗୀୟ ଅବସ୍ଥାରେ ଲଗାନ୍ତୁ । ରସାୟନିକ ଉପାୟରେ ନିୟନ୍ତ୍ରଣ ପାଇଁ ୧ ଗ୍ରା. ଥିଓମେଥୋକ୍ସମ୍ ୨୫% ଡବ୍ଲୁ .ଜି କିମ୍ବା ୧.୫ ମି.ଲି. ଇମିଡାକ୍ଲୋପ୍ରିଡ ୧୭.୮% ଏସ.ଏଲ. କୁ ପ୍ରତି ପାଞ୍ଚ ଲିଟର ପାଣିରେ ମିଶ୍ରଣ କରି ସିଂଚନ କରନ୍ତୁ।<br>▪ **ପାଉଁଶିଆ ରୋଗ :** ଏହି ରୋଗର ପ୍ରତିକାର ପାଇଁ ୧ ଗ୍ରାମ କାରବେନଡାଜିମ ୫୦% ଡବ୍ଲୁ.ପି କିମ୍ବା ୦.୫ ମି.ଲି ପେନକୋନାଜୋଲ ୧୦% ଇ.ସି କୁ ପ୍ରତି ଏକ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।<br>▪ **ଫଳ ବିନ୍ଧା ପୋକ :** ନିୟନ୍ତ୍ରଣ ପାଇଁ ୨ ମି.ଲି ଫ୍ଲୁବେଣ୍ଡିଆମାଇଡ୍ ୩୯.୩୫% ଏସ.ସି କିମ୍ବା ୧୫ ମିଲିଗ୍ରାମ ଥିଓଡିକାର୍ବ ୭୫% ଡବ୍ଲୁ.ପି କିମ୍ବା ୨୦ ମିଲିଗ୍ରାମ ପ୍ରୋଫେନୋଫୋସ୍ ୫୦% ଇ.ସି କୁ ପ୍ରତି ୧୦ ଲିଟର ପାଣିରେ ମିଶ୍ରଣ କରି ସିଂଚନ କରନ୍ତୁ। |
| **ଚିନାବାଦାମ**<br>(ଅଙ୍ଗୀୟ ଅବସ୍ଥା /ଫୁଲ ଧରିବା ଅବସ୍ଥା) | ▪ ଫୁଲ ଆସିବା ପୂର୍ବରୁ କୋଡ଼ା ଖୋସା କାମ ସାରିଦିଅନ୍ତୁ<br>▪ **ଜଳସେଚନ:** ଫୁଲ ଧରିବା ଓ ଫଳ ହେବା ଅବସ୍ଥା ଜଳର ଆବଶ୍ୟକତା ପାଇଁ ସଙ୍କଟଜନକ ସମୟ । ଏହି ସମୟରେ ଜମିରେ ଜଳର ଅଭାବ ହେବା ଉଚିତ ନୁହଁ ।<br>**ରୋଗ ଓ ପୋକ ପରିଚାଳନା:**<br>▪ **ଧଳାମାଛି/ ଜଉ/ ପତ୍ର ଡିଆଁ ପୋକ/ ଉକୁଣିଆ ପୋକ:** ଶୋଷକ କୀଟ ସମୂହର ନିୟନ୍ତ୍ରଣ ପାଇଁ ଏକର ପ୍ରତି ୮ ଟି ଅଠା ଲାଗିଥିବା ହଳଦିଆ ରଙ୍ଗର ଯନ୍ତା ବା କାର୍ଡ ଏବଂ ଉକୁଣିଆ ପୋକର ନିୟନ୍ତ୍ରଣ ପାଇଁ ଏକର ପ୍ରତି ୮ ଟି ଅଠା ଲାଗିଥିବା ନୀଳ ରଙ୍ଗର ଯନ୍ତା ବା କାର୍ଡ କୁ କୁ ଜମିରେ ଫସଲର ଅଙ୍ଗୀୟ ଅବସ୍ଥାରେ ଲଗାନ୍ତୁ । ରସାୟନିକ ଉପାୟରେ ନିୟନ୍ତ୍ରଣ ପାଇଁ ୧ ଗ୍ରା. ଥିଓମେଥୋକ୍ସମ୍ ୨୫% ଡବ୍ଲୁ .ଜି କିମ୍ବା ୧.୫ ମି.ଲି. ଇମିଡାକ୍ଲୋପ୍ରିଡ ୧୭.୮% ଏସ.ଏଲ. କୁ ପ୍ରତି ପାଞ୍ଚ ଲିଟର ପାଣିରେ ମିଶ୍ରଣ କରି ସିଂଚନ କରନ୍ତୁ।<br>▪ **ତମ୍ବାଖୁ ପତ୍ରଖିଆ ପୋକ:** ପ୍ରତିକାର ପାଇଁ ଅଙ୍ଗୀୟ ଅବସ୍ଥାରେ ଏକର ପ୍ରତି ୮ ଟି ସ୍ପୋଡୋ ଲିଓର ଲାଗିଥିବା ଫେରୋମୋନ ଟ୍ରାପ୍ ବା ସଙ୍ଗ ଆକର୍ଷକ ଜନ୍ତା ଲଗାନ୍ତୁ ଏବଂ ତିନି ସପ୍ତାହ ପରେ ଲିଓର କୁ ବଦଳାଇ ଦିଅନ୍ତୁ ।<br>▪ **ଟୀକ୍କା ରୋଗ:** ଟୀକ୍କା ରୋଗର ପ୍ରତିକାର ପାଇଁ ୩ ଗ୍ରା. ମାଂକୋଜେବ ୭୫ % ଡବ୍ଲ୍ୟା.ପି କିମ୍ବା ୧ ମି.ଲି ଟେବୁକୋନାଜୋଲ ୨୯.୫ % ଇ.ସି କିମ୍ବା ୨ ଗ୍ରାମ କାରବେନଡାଜିମ ୫୦% ଡବ୍ଲୁ .ପି କୁ ପ୍ରତି ଏକ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| **ସଙ୍କର ମକା**<br>(ଅଙ୍ଗୀୟ ଅବସ୍ଥା /ଫୁଲ କିମ୍ବା ଫଳ ଧରିବା ଅବସ୍ଥା) | **କୀଟ ପରିଚାଳନା:**<br>▪ **ଜଉ ଓ ଉକୁଣିଆ ପୋକ:** ପ୍ରତିକାର ଲାଗି ପ୍ରତି ପାଞ୍ଚ ଲିଟର ପାଣିରେ ୧ ଗ୍ରା. ଥିଓମେଥୋକ୍ସମ୍ ୨୫ ଡବ୍ଲୁ .ଜି କିମ୍ବା ୧.୫ ମି.ଲି. ଇମିଡାକ୍ଲୋପ୍ରିଡ ୧୭.୮% ଏସ.ଏଲ. କୁ ମିଶ୍ରଣ କରି ସିଂଚନ କରନ୍ତୁ।<br>▪ **କାଣ୍ଡବିନ୍ଧା ପୋକ:** ନିୟନ୍ତ୍ରଣ ପାଇଁ ପ୍ରତି ଏକ ଲିଟର ପାଣିରେ ୨ ମି.ଲି. ହିସାବରେ ଫିପ୍ରୋନିଲ ୫% ଏସ.ସି. କିମ୍ବା ପ୍ରୋପେନୋଫୋସ ୫୦% ଇ.ସି. କୁ ମିଶାଇ ସିଂଚନ କରନ୍ତୁ।<br>▪ **ଫଲ ଆର୍ମି ୱର୍ମ:** ଏହି କୀଟର ନିୟନ୍ତ୍ରଣ ନିମନ୍ତେ ପ୍ରତି ପାଞ୍ଚ ଲିଟର ପାଣିରେ ୨ ଗ୍ରା. ଇମାମେକଟିନ୍ ବେନଜୋଏଟ୍ କୁ ମିଶାଇ ସିଂଚନ କରନ୍ତୁ । |
| **ଟମାଟୋ**<br>(ଫୁଲ/ଫଳ ଧରିବା ଅବସ୍ଥା) | **ରୋଗ ଓ କୀଟ ପରିଚାଳନା:**<br>▪ **ପତ୍ର ପୋଡ଼ା ରୋଗ:** ନିୟନ୍ତ୍ରଣ ପାଇଁ ପ୍ରତି ଏକ ଲିଟର ପାଣିରେ ୩ ଗ୍ରାମ କପରଅକ୍ସିକ୍ଲୋରାଇଡ୍ ୫୦% ଡବ୍ଲ୍ୟୁ.ପି କୁ ମିଶ୍ରଣ କରି ସିଞ୍ଚନ କରନ୍ତୁ।<br>▪ **ଫଳ ଓ କାଣ୍ଡବିନ୍ଧା ପୋକ :** ନିୟନ୍ତ୍ରଣ ପାଇଁ ଏକର ପ୍ରତି ଦୁଇଟି ଲେଖାଏଁ ଫେରୋମୋନ ଟ୍ରାପ ବ୍ୟବହାର କରନ୍ତୁ କିମ୍ବା ରାସାୟନିକ ଉପାୟରେ ନିୟନ୍ତ୍ରଣ ପାଇଁ ୩ ମି.ଲି କ୍ଲୋରାନଟ୍ରାନିଲିପ୍ରୋଲ ୧୮.୫%ଏସ.ସି କିମ୍ବା ୧୦ ମି.ଲି. ଇନଡୋକ୍ସାକାର୍ବ ୧୪.୫% ଏସ.ସି କୁ ପ୍ରତି ୧୦ ଲିଟର |

| | |
|---|---|
| | ପାଣିରେ ମିଶାଇ ସିଞ୍ଚନ କରନ୍ତୁ। |
| **ଲଙ୍କା**<br>(ଅଙ୍ଗୀୟ ଅବସ୍ଥା /ଫୁଲ କିମ୍ବା ଫଳ ଧରିବା ଅବସ୍ଥା) | **ରୋଗ ଓ କୀଟ ପରିଚାଳନା:**<br>▪ ଉକୁଣିଆ ପୋକ: ନିୟନ୍ତ୍ରଣ ପାଇଁ ଏକର ପିଛା ୮ଟି ଅଠାଳିଆ ନୀଳ ଯନ୍ତା ଲଗାନ୍ତୁ । ରାସାୟନିକ ଉପାୟରେ ସଂକ୍ରମଣ ରୋକିବା ପାଇଁ ପ୍ରତି ୫ ଲିଟର ପାଣିରେ ଇମାମେକ୍ଟିନବେଞ୍ଜୋଏଟ୍ ୫% ଏସ୍.ଜି. ୨ ଗ୍ରା. କିମ୍ବା ଫିପ୍ରୋନିଲ୍ ୫% ଏସ୍.ସି. ୧୦ ମି.ଲି. କିମ୍ବା ଇମିଡ଼ାକ୍ଲୋପ୍ରିଡ୍ ୧୭.୮% ଏସ୍.ଏଲ୍. ୧.୫ ମି.ଲି ହିସାବରେ ମିଶ୍ରଣ କରି ସିଞ୍ଚନ କରନ୍ତୁ।<br>▪ ଫଳବିନ୍ଧା ପୋକ: ନିୟନ୍ତ୍ରଣ ପାଇଁ ପାଇଁ ଅଙ୍ଗୀୟ ଅବସ୍ଥାରେ ଏକର ପ୍ରତି ୮ ଟି ହେଲି ଲିଓର ଲାଗିଥିବା ଫେରୋମୋନ ଟ୍ରାପ୍ ବା ସଙ୍ଗ ଆକର୍ଷକ ଜନ୍ତା ଲଗାନ୍ତୁ ଏବଂ ତିନି ସପ୍ତାହ ପରେ ଲିଓର କୁ ବଦଳାଇ ଦିଅନ୍ତୁ । |
| **ବାଇଗଣ**<br>(ଅଙ୍ଗୀୟ ଅବସ୍ଥା /ଫୁଲ କିମ୍ବା ଫଳ ଧରିବା ଅବସ୍ଥା) | **କୀଟ ପରିଚାଳନା:**<br>▪ **କାଣ୍ଡ ଓ ଫଳ ବିନ୍ଧା ପୋକ:** ନିୟନ୍ତ୍ରଣ ପାଇଁ ଅଙ୍ଗୀୟ ଅବସ୍ଥାରେ ଏକର ପିଛା ୮ ଟି ଫେରୋମୋନ୍ ଟ୍ରାପ୍ (ଆକର୍ଷକ ଜନ୍ତା) କିମ୍ବା ୱାଟା ଟ୍ରାପ୍ ଜମିରେ ଲଗାନ୍ତୁ । ରାସାୟନିକ ପଦ୍ଧତିରେ ନିୟନ୍ତ୍ରଣ ପାଇଁ ପ୍ରତି ୧୫ ଲିଟର ପାଣିରେ ସ୍ପିନୋସାଡ ୪୫% ଏସ.ସି ୫.୫ ମିଲିଗ୍ରାମ ନଚେତ ପ୍ରତି ଏକ ଲିଟର ପାଣିରେ ୨ ମିଲିଗ୍ରାମ ଥିଓଡିକାର୍ବ ୭୫% ଡବ୍ଲ୍ୟୁ.ପି କୁ ମିଶ୍ରଣ କରି ସିଞ୍ଚନ କରନ୍ତୁ। |
| **ପିଆଜ**<br>(ଅଙ୍ଗୀୟ ଅବସ୍ଥା) | **ରୋଗ ପରିଚାଳନା:**<br>▪ ବାଇଗଣି ଦାଗ (ପରପଲ ବ୍ଲୋଚ୍) : ଏହି ରୋଗର ନିୟନ୍ତ୍ରଣ ପାଇଁ ଡାଇଫେନୋକୋନାଜୋଲ୍ ୨୫% ଇ.ସି କିମ୍ବା ଟେବୁକୋନାଜୋଲ୍ ୨୫.୯% ଇ.ସି କିମ୍ବା କିଟାଜିନ୍ ୪୮% ଇ.ସି କୁ ୧ ମିଲିଗ୍ରାମ ହିସାବରେ ପ୍ରତି ଏକ ଲିଟର ପାଣିରେ ମିଶ୍ରଣ କରି ସିଞ୍ଚନ କରନ୍ତୁ ।<br>▪ ପତ୍ର ପୋଡ଼ା ରୋଗ: **ନିରାକରଣ ପାଇଁ ପ୍ରତି** ଏକ ଲିଟର ପାଣିରେ ୩ ଗ୍ରାମ ମାଙ୍କୋଜେବ୍ ୭୫% ଡବ୍ଲ୍ୟୁ.ପି କୁ ମିଶ୍ରଣ କରି ସିଞ୍ଚନ କରନ୍ତୁ ।<br>▪ ଉକୁଣିଆ ପୋକ: ନିୟନ୍ତ୍ରଣ ପାଇଁ ଏକର ପିଛା ୮ଟି ଅଠାଳିଆ ନୀଳ ଯନ୍ତା ଲଗାନ୍ତୁ । ରାସାୟନିକ ଉପାୟରେ ସଂକ୍ରମଣ ରୋକିବା ପାଇଁ ପ୍ରତି ୫ ଲିଟର ପାଣିରେ ୧ ଗ୍ରା. ଥିଓମେଥୋକ୍ସମ୍ ୨୫ ଡବ୍ଲ୍ୟୁ.ଜି କିମ୍ବା ପ୍ରତି ୪ ଲିଟର ପାଣିରେ ୧ ଗ୍ରାମ ଏସିଡାମିପ୍ରିଡ୍ ୨୦% ଏସ.ପି. କୁ ମିଶ୍ରଣ କରି ସିଞ୍ଚନ କରନ୍ତୁ । |
| **ପଶୁପାଳନ:** | |
| **ଗାଈ ଓ ମଇଁଷି** | ▪ ଅଧିକ ଦୁଗ୍ଧ (୧୦ - ୧୫ ଲିଟର) ଦେଉଥିବା ଗାଈ ମାନଙ୍କୁ ଖାଦ୍ୟରେ ତନ୍ତୁ ପରିମାଣକୁ ହ୍ରାସ କରି ୫ ରୁ ୧୦ ପ୍ରତିଶତ ଚର୍ବି ବା ତୈଳ ଜାତୀୟ ଖାଦ୍ୟ ମିଶାଇ ଦେବା ଉଚିତ। ଭିଟାମିନ ଏ ଓ ଇ ଖାଦ୍ୟରେ ମିଶାଇ ପଶୁମାନଙ୍କୁ ଦେଲେ ଲାଭ ଦାୟକ ହେଇଥାଏ। ବର୍ତମାନର ପାଗକୁ ଦୃଷ୍ଟିରେ ରଖି ଦୁଧିଆଳୀ ଗାଈ ଓ ମଇଁଷି ମାନଙ୍କୁ ଦିନବେଳା ଦୁଇ ରୁ ତିନି ଥର ତାଙ୍କ ଉପରେ ପାଣି ସିଞ୍ଚନ କରି ଓଦା କରନ୍ତୁ। |
| **ଛେଳି ଓ ମେଣ୍ଢା** | ▪ ବର୍ତମାନ ର ପାଗକୁ ଲକ୍ଷ୍ୟ କରି ବାହାରକୁ ଚରାଇବାକୁ ନେଉଥିବା ଛେଳି ଓ ମେଣ୍ଢା ମାନଙ୍କୁ ଦିନ ୧୧ ଟା ପୂର୍ବରୁ ଗୁହାଳକୁ ନେଇ ଆସନ୍ତୁ ଓ ଅପରାହ୍ନ ୪ଟା ପରେ ପୁନର୍ବାର ଚରାଇବାକୁ ଛାଡ଼ନ୍ତୁ। |
| **କୁକୁଡ଼ା** | ▪ ବର୍ତମାନ ପାଗରେ କୁକୁଡ଼ା ରଖୁଥିବା ଘରକୁ ଦିନବେଳା ପରଦା ଢାଙ୍କି ଗରମ ପବନରୁ କୁକୁଡ଼ା ମାନଙ୍କୁ ରକ୍ଷା କରନ୍ତୁ। ଆବଶ୍ୟକ ସ୍ଥଳେ କୁକୁଡ଼ା ମାନଙ୍କ ଉପରେ ଦିନରେ ୨ ରୁ ୩ ଥର ପାଣି ସିଞ୍ଚନ କରନ୍ତୁ। |

ନୋଡାଲ ଅଫିସର
ଗ୍ରାମୀଣ କୃଷି ମୌସମ ସେବା , ଭବାନୀପାଟଣା

ବି.ଦ୍ର.:- ସ୍ଥାନୀୟ ପାଣିପାଗ ସମ୍ବନ୍ଧୀୟ ତଥ୍ୟ ପାଇଁ "ମଉସମ", ପାଣିପାଗ ଭିତିକ କୃଷି ସୂଚନା ପାଇଁ "ମେଘଦୂତ" ଓ ବିଜୁଳି ସତର୍କ ସୂଚନା ପାଇଁ "ଦାମିନୀ" ମୋବାଇଲ ଆପ୍ଲିକେସନ ବ୍ୟବହାର କରନ୍ତୁ।

କୃଷିରେ ଅଧିକତର ଲାଭ ନିମନ୍ତେ ଓୟୁଏଟି କଳିଙ୍ଗ ଦ୍ରବ୍ୟ ବ୍ୟବହାର କରନ୍ତୁ (ବିହନ, ଚାରା ଓ ଗୁଣାତ୍ମକ ବୃକ୍ଷରୋପଣ ସାମଗ୍ରୀ, ଟିସୁ କଲ୍ଚର ଚାରା, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ , ଅଙ୍ଗୁଳିକା ଯାଆଁଳ/ ବର୍ଷକୀୟା ଯାଆଁଳ, କୁକୁଡ଼ା ଚିଆଁ, ପଶୁ ପ୍ରଜାତି, ଛତୁ ଓ ମଞ୍ଜି , ଜୀବାଣୁ ସାର , ଜୈବିକ କୀଟନାଶକ , ଜିଆ ଓ ଜିଆଖତ ଏବଂ କୃଷି ଯନ୍ତ୍ରପାତି).

ଭାରତୀୟ ପାଣିପାଗ ସଂସ୍ଥା ର ପାଣିପାଗ ଆକଳନ ଓ କୃଷିପାଣିପାଗ ଜନିତ ସୂଚନା ଏବେ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ମେଘଦୂତ ଆପ ରେ ଉପଲବ୍ଧ । ଆପ ଡାଉନଲୋଡ କରିବା ପାଇଁ ନିମ୍ନ ଲିଙ୍କରେ କ୍ଲିକ କରନ୍ତୁ ।
**(Android: https://play.google.com/store/apps/details?id=com.aas.meghdoot), (iOS: https://apps.apple.com/in/app/meghdoot/id1474048155)**